# NATIONAL NEWS BULLETIN (ODIA)

## 19th July - 2025

## Morning Bulletin : 7.15 a.m.

********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଲାଗି ଆସନ୍ତାକାଲି ବସିବ ସର୍ବଦଳୀୟ ବୈଠକ ।

- ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ମହାଭିଯୋଗ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ଏକମତ; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।

- ପ୍ରଯୁକ୍ତିବିଦ୍ୟାର ସର୍ବୋତ୍ତମ ବ୍ୟବହାର ଲାଗି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

- ଘରୋଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ମାସିକ ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରିବେ ବିହାର ସରକାର ।

ଏବଂ

- ଛତିଶଗଡ଼ ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୬ ମାଓବାଦୀ ମୃତ ।

## ଗଭ୍ - ଅଲ୍ ପାର୍ଟି ମିଟିଂ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୧ ତାରିଖ ସୋମବାରଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ଆସନ୍ତାକାଲି ସର୍ବଦଳୀୟ ବୈଠକ ବସିବ । ଅଧିବେଶନ କାଳରେ ସଂସଦର ଉଭୟ ଗୃହକୁ ସୁରୁଖୁରୁରେ ପରିଚାଳନା ନିମନ୍ତେ ସରକାର ସର୍ବଦଳୀୟ ବୈଠକରେ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସହଯୋଗ ଲୋଡ଼ିବେ । ଆସନ୍ତା ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନ କାଳରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ କରାଯିବ ।

## ରିଜିଜୁ - ଜଷ୍ଟିସ୍ ବର୍ମା

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ କହିଛନ୍ତି, ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ମହାଭିଯୋଗ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ଏକମତ

ହୋଇଛନ୍ତି । ନୂଆଦିଲ୍ଲୀରେ ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ବିପୁଳ ପରିମାଣର ଟଙ୍କା ଉଦ୍ଧାର ହୋଇଥଲା । ଶ୍ରୀ ରିଜିଜୁ ଏକ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତ୍କାର ଦେବା ଅବସରରେ କହିଛନ୍ତି, ଏହି ପ୍ରସଙ୍ଗ ବିଷୟରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହ ସେ ଆଲୋଚନା କରିଛନ୍ତି । ଅନ୍ୟପକ୍ଷରେ ଜଣେ ଲେଖାଏଁ ସାଂସଦ ଥିବା ରାଜନୈତିକ ଦଳଗୁଡ଼ିକ ସହ ମଧ୍ୟ ସେ ଏହି ବିଷୟରେ ଆଲୋଚନା କରିବେ । ଶ୍ରୀ ରିଜିଜୁ କହିଛନ୍ତି, କଂଗ୍ରେସ ସମେତ ସଂସଦର ଅନ୍ୟ ରାଜୈନତିକ ଦଳଗୁଡ଼ିକ ଜଷ୍ଟିସ୍ ବର୍ମାଙ୍କୁ ହଟାଇବାପାଇଁ ପ୍ରସ୍ତାବ ଆଗତ କରିବା ସପକ୍ଷରେ ଅଛନ୍ତି । ନ୍ୟାୟପାଳିକାରେ ଦୁର୍ନୀତି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଗମ୍ଭୀର ବିଷୟ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଏମ୍.ଆଇ.ବି. - ହାଇଦ୍ରାବାଦ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଶ୍ୱରେ ପରିବର୍ତ୍ତନଶୀଳ ଅର୍ଥନୀତି ଏବଂ ପ୍ରଯୁକ୍ତି ବିଦ୍ୟା ପରିପ୍ରେକ୍ଷୀରେ ଏହାର ସର୍ବୋତ୍ତମ ବ୍ୟବହାର କରିବାକୁକ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଗତକାଲି ହାଇଦ୍ରାବାଦରେ କେଶବ ମେମୋରିଆଲ୍ ଏଜୁକେଶନାଲ୍ ସୋସାଇଟିର ୮୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଖୁବ୍ ଶୀଘ୍ର

ବିକଶିତ ଦେଶଗୁଡ଼ିକର ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ ଲାଗି ଭାରତ ଆସିବେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ସମସ୍ତ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ଏବଂ ଦେଶକୁ ୨୦୧୪ରେ ଏକାଦଶ ସ୍ଥାନରୁ ପଞ୍ଚମ ଅର୍ଥନୀତି ହେବାରେ ସାହାଯ୍ୟ କରିଛି । ସେ କହିଛନ୍ତି, ୨୦୪୭ ସୁଦ୍ଧା ଭାରତ ବିଶ୍ୱର ଶ୍ରେଷ୍ଠ ୨ଟି ଅର୍ଥନୀତି ମଧ୍ୟରୁ ଗୋଟିଏ ହେବାକୁ ଯାଉଛି ।

***Voice (Baishnav)*** :........

## ପ୍ରେସିଡେଣ୍ଟ - ମୁଭି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଓଡ଼ିଆ ଚଳଚ୍ଚିତ୍ର ଶ୍ରୀଜଗନ୍ନାଥଙ୍କ ନବକଳେବର ଦେଖିଛନ୍ତି । ଏହି ଚଳଚ୍ଚିତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ନବକଳେବରର ରୀତିନୀତି ସମ୍ପର୍କରେ ଉପସ୍ଥାପନ କରାଯାଇଛି । ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନ ସମୟରେ ନିର୍ଦ୍ଦେଶକ ସୌଭାଗ୍ୟଲକ୍ଷ୍ମୀ ଜେନା ଏବଂ ସମସ୍ତ କଳାକାର ଉପସ୍ଥିତ ଥିଲେ ।

## ଏମ୍.ଇ.ଏ. - ଇଣ୍ଡିଆନ୍ ଫିଶରମେନ୍

ଆନ୍ତର୍ଜାତିକ ସାମୁଦ୍ରିକ ସୀମାରେଖା ପାର୍ କରି ବାଂଲାଦେଶର ଜଳସୀମାରେ ମାଛ ଧରିବା ଅଭିଯୋଗରେ ମୋଙ୍ଗ୍ଲା ନିକଟରେ ବାଂଲାଦେଶ କର୍ତ୍ତୃପକ୍ଷ ୩୪ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ୨ଟି ଟ୍ରଲର୍ ଜବତ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଘଟଣାରେ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ବାଂଲାଦେଶୀ କର୍ତ୍ତୃପକ୍ଷଙ୍କ ସହ କୂଟନୈତିକ ମାଧ୍ୟମରେ ଆଲୋଚନାପାଇଁ ଯୋଗାଯୋଗ କରିଛନ୍ତି । ସମସ୍ତ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଡଙ୍ଗା ସହିତ ସୁରକ୍ଷିତ ଶୀଘ୍ର ଫେରାଇ ଆଣିବା ଲାଗି ଉଦ୍ୟମ କରାଯାଉଥିବା ଜଣାପଡ଼ିଛି ।

## ପି.ଏମ୍. - ଦୁର୍ଗାପୁର ପଲିଟିକାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ପଶ୍ଚିମବଙ୍ଗରେ ଶିଳ୍ପ ବିକାଶ ପାଇଁ ଅପାର ସମ୍ଭାବନା ରହିଛି । ଭାରତର ପ୍ରଥମ ଶିଳ୍ପମନ୍ତ୍ରୀ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବିଷୟ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବି.ଜେ.ପି. ଶାସନରେ ପଶ୍ଚିମବଙ୍ଗ ବ୍ୟବସାୟ ଏବଂ ଉତ୍ପାଦନ କ୍ଷେତ୍ରରେ ସଫଳତା

ହାସଲ କରିପାରିବ । ଗତକାଲି ପଶ୍ଚିମବଙ୍ଗ ଦୁର୍ଗାପୁରରେ ବି.ଜେ.ପି.ର ପରିବର୍ତ୍ତନ ସଙ୍କଳ୍ପ ସଭାକୁ ସମ୍ବୋଧିତ କରି ଶ୍ରୀ ମୋଦି ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରିଥିଲେ । ଆୟୁଷ୍ମାନ ଭାରତ ଏବଂ ହର୍ ଘର୍ ଜଲ୍ ଭଳି କେନ୍ଦ୍ରୀୟ ଯୋଜନାକୁ ଅଣଦେଖା କରୁଥିବା ରାଜ୍ୟ ସରକାର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ମୁର୍ଶିଦାବାଦରେ ସାମ୍ପ୍ରତିକ ହିଂସାକୁ ଲକ୍ଷ୍ୟ କରି ସେ ସୁରକ୍ଷା ଓ ଅସ୍ଥିରତା ଯୋଗୁଁ ଶିଳ୍ପ ନିବେଶକମାନେ ଅସୁବିଧାରେ ପଡୁଥିବା ଅଭିଯୋଗ କରିଥିଲେ । ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ଶିକ୍ଷା, ମହିଳା ସୁରକ୍ଷା ଏବଂ ଅବୈଧ ପ୍ରବାସନ ନେଇ ତୃଣମୂଳ କଂଗ୍ରେସ ସରକାରର ଭୋଟ୍ ବ୍ୟାଙ୍କ୍ ରାଜନୀତିକୁ ସମାଲୋଚନା କରିଥିଲେ । ବି.ଜେ.ପି. ସରକାର ଆସିଲେ କେନ୍ଦ୍ରୀୟ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ଏବଂ ଅନୁପ୍ରବେଶର ମୁକାବିଲା କରିବାପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

***Voice (PM on BJP) :......***

## ବିହାର - କ୍ୟାବିନେଟ୍ ଇଲେକ୍ଟ୍ରିସିଟି

ବିହାର ସରକାର ଘରୋଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ମାସିକ ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରିବେ । ଗତକାଲି ମୁଖ୍ୟମନ୍ତ୍ରୀ ନୀତିଶ

କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି । ଆସନ୍ତା ଅଗଷ୍ଟ ୧ ତାରିଖରୁ ଶତ ପ୍ରତିଶତ ରିହାତି ଅଧୀନରେ ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ କରାଯିବ । ଏଥିଲାଗି ଚଳିତ ଆର୍ଥିକ ବର୍ଷପାଇଁ ବିହାର ସରକାର ୩ ହଜାର ୭୯୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଅନ୍ୟ ନିଷ୍ପତ୍ତି ଅନୁଯାୟୀ, ଘରୋଇ ଉପଭୋକ୍ତାମାନେ ୧ ଦଶମିକ ୧ କିଲୋୱାଟ୍ ବିଶିଷ୍ଟ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ ନିମନ୍ତେ ମଧ୍ୟ ସହାୟତା ପାଇବେ ବୋଲି ଜଣାପଡ଼ିଛି । ସେହିପରି କୁଟୀର ଜ୍ୟୋତି ଯୋଜନା ହିତାଧିକାରୀଙ୍କ ପାଇଁ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କ୍ଷେତ୍ରରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ।

## ଛତିଶଗଡ଼ - ଏନ୍କାଉଣ୍ଟର

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୬ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରୁ ଏ.କେ.-୪୭ ବନ୍ଧୁକ ଏବଂ ସେଲ୍ଫ୍ ଲୋଡ଼ିଂ ରାଇଫଲ ସମେତ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ସୂଚନା ଅନୁଯାୟୀ, ଆବୁଝମାଦ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳକୁ ତଲାସୀ ଅଭିଯାନ ପାଇଁ

ପଠାଯାଇଥିଲା । ଗତକାଲି ଅପରାହ୍ଣରୁ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ୬ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି ।

## ୟୁ.ଏସ୍. - ଏକ୍ସପ୍ଲୋଜନ୍

ଆମେରିକାର ଇଷ୍ଟ ଲସ୍ ଆଞ୍ଜେଲସ୍‌ର ଏକ ପ୍ରଶିକ୍ଷଣ କେନ୍ଦ୍ରରେ ବିସ୍ଫୋରଣ ଯୋଗୁଁ ଲସ୍ ଆଞ୍ଜେଲସ୍ କାଉଣ୍ଟି ସେରିଫ୍ ବିଭାଗର ୩ ଜଣ ବରିଷ୍ଠ ଅଧିକାରୀଙ୍କର ମୃତ୍ୟୁ ଘଟିଛି । ସମ୍ପୃକ୍ତ ପ୍ରଶିକ୍ଷଣ କେନ୍ଦ୍ରର ବମ୍ ସ୍କ୍ୱାର୍ଡ ଓ ଅସ୍ତ୍ରଶସ୍ତ୍ର ବିଭାଗରେ ଏହି ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ବିସ୍ଫୋରଣର କାରଣ ଜାଣିବା ଲାଗି ତଦନ୍ତ କରାଯାଉଛି । ବୋମା ନିରୋଧି ଅଭିଯାନରେ ଜବତ କରାଯାଇଥିବା ଅଫୁଟା ବୋମା ବିସ୍ଫୋରଣ ହୋଇଥିବା ଅନୁମାନ କରାଯାଉଛି । ୧୮୫୭ ପରେ ଏଭଳି ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ସମ୍ପୃକ୍ତ ସ୍ଥାନକୁ ତୁରନ୍ତ ଖାଲି କରିଦିଆଯାଇଥିବା ଜଣେ ଅଧିକାରୀ କହିଛନ୍ତି ।

## ବିର୍ଲା - ଡେଲିଗେସନ୍

ଲୋକସଭା ବାଚାସ୍ପତି ଓମ୍ ବିର୍ଲା ଦକ୍ଷିଣ କୋରିଆର ଏକ ସଂସଦୀୟ ପ୍ରତିନିଧି ଦଳକୁ ସାକ୍ଷାତ୍ ଅବସରରେ ଭାରତର ଆତଙ୍କବାଦ ବିରୋଧୀ ଶୂନ୍ୟ ସହନଶୀଳତା ନୀତି ଉପରେ ଜୋର୍ ଦେଇଛନ୍ତି । ଦକ୍ଷିଣ କୋରିଆର ପୂର୍ବତନ ପ୍ରଧାନମନ୍ତ୍ରୀ କିମ୍ ବୁ କ୍ୟୁମ୍'ଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ୍ ସମୟରେ ଶ୍ରୀ ବିର୍ଲା ଭାରତର ଅପରେସନ ସିନ୍ଦୂର ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀ ବିର୍ଲା କହିଥିଲେ, ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ଲାଗି ଅପରେସନ ସିନ୍ଦୂର କାର୍ଯ୍ୟକାରୀ କରାଯାଇଥିଲା । ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇରେ ଦକ୍ଷିଣ କୋରିଆର ନିରନ୍ତର ସମର୍ଥନ ପାଇଁ ସେ ଆଶା ପ୍ରକାଶ କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ଏବଂ ଅହମ୍ମଦାବାଦ ବିମାନ ଦୁର୍ଘଟଣା ନେଇ ଶୋକବାର୍ତ୍ତାପାଇଁ ଶ୍ରୀ ବିର୍ଲା ସମ୍ପୃକ୍ତ ପ୍ରତିନିଧି ଦଳଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଚେସ୍ - ୱାଲର୍ଡ କପ୍

ଫିଡେ ବିଶ୍ୱ ମହିଳା ଚେସ୍ ପ୍ରତିଯୋଗିତାରେ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି, ଡି. ହାରିକା, ଆର୍. ବୈଶାଳୀ ଏବଂ ଦିବ୍ୟା ଦେଶମୁଖ କ୍ୱାର୍ଟର

ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ପ୍ରଥମ ଦେଶ ଭାବେ ଭାରତର ୪ ଜଣ ଖେଳାଳୀ ଶେଷ ୮ଟି ପର୍ଯ୍ୟାୟରେ ଏହି ସଫଳତା ହାସଲ କରିଛନ୍ତି । ଗତକାଲି ଜର୍ଜିଆର ବାଟୁମି'ରେ ଏହି ମ୍ୟାଚ୍ ଖେଳାଯାଇଥିଲା ।

ଅନ୍ୟପକ୍ଷରେ ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର୍ ମିକ୍ସଡ୍ ଟିମ୍ ଚାମ୍ପିୟନ୍‌ସିପ୍‌ରେ ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଭାରତ ୧୧୦-ଅଣସ୍ତରି ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ବିଷ୍ଣୁ କୋଡେ ଏବଂ ରେଶିକା ଯୁ ଯୋଡ଼ି ୧୧-୫ରେ ଏହି ବିଜୟ ହାସଲ କରିଥିବାବେଳେ ସିଷ୍ଟର ଗାୟତ୍ରୀ ଏବଂ ମନସା ରାୱତ୍ ୨୨-୧୪ରେ ବିଜୟ ହାସଲ କରିଥିଲେ ।

## ରେସ୍‌ଲିଂ

ଭାରତୀୟ ମହିଳା କୁସ୍ତିଯୋଦ୍ଧାମାନେ ଗତକାଲି ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ପୋଲୟାକ୍ ଇମ୍‌ରେ ଓ ଭାର୍ଗା ଜାନୋସ୍ ମେମୋରିଆଲ୍ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଅନ୍ତିମ ପଙ୍ଘାଲ୍ ଏବଂ ହର୍ଷିତା ସେମାନଙ୍କ ଓଜନ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୫୩ କିଲୋଗ୍ରାମ ବର୍ଗରେ ଅନ୍ତିମ ରୁଷ୍‌ର ନାଟାଲିଆଙ୍କୁ ୭-୪ ସ୍କୋର୍‌ରେ ପରାସ୍ତ କରିଥିବାବେଳେ

ହର୍ଷିତା ୭୨ କିଲୋଗ୍ରାମ୍ ବର୍ଗରେ କାଜାଖସ୍ତାନର ଝାମେଲିଆଙ୍କୁ ୧୦-୦ ସ୍କୋରରେ ପରାସ୍ତ କରିଥିଲେ ।

ସେହିପରି ନେହା ସଙ୍ଗ୍ୱାନ୍ ୫୭ କିଲୋଗ୍ରାମ୍ ବର୍ଗରେ ୪-୦ ସ୍କୋର୍‌ରେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିବାବେଳେ ୫୦ କିଲୋଗ୍ରାମ୍ ବର୍ଗରେ ନିଲମ୍' ବେଲାରୁଷ୍‌ରୁ କୁସ୍ତିଯୋଦ୍ଧାଙ୍କୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଛନ୍ତି ।

*****